# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 December – 2025

******************************

## ମୁଖ୍ୟ ସମ୍ବାଦ

- ଅମୃତ ଭାରତ ଯୋଜନା ଅଧୀନରେ ଓଡ଼ିଶାର ୫୯ଟି ଷ୍ଟେସନର ପୁନଃବିକାଶ କାର୍ଯ୍ୟ ଜାରି ରହିଛି ବୋଲି କହିଲେ ରେଳମନ୍ତ୍ରୀ
- ଆସନ୍ତାବର୍ଷ ଶେଷ ସୁଦ୍ଧା ସମଗ୍ର ଦେଶରେ ଟୋଲଗେଟ୍‌ଗୁଡ଼ିକରେ କାର୍ଯ୍ୟକାରୀ ହେବ ସ୍ୱୟଂଚାଳିତ ନମ୍ବରପ୍ଲେଟ୍ ଚିହ୍ନଟ ବ୍ୟବସ୍ଥା
- ରାଜ୍ୟରେ ଆସନ୍ତାମାସ ୬ ତାରିଖରୁ ଆରମ୍ଭ ହେବ ପକ୍ଷୀଗଣନା
- ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆଜି ଅନୁଷ୍ଠିତ ହେଉଛି ଓଟିଇଟି-୨୦୨୫

ଏବଂ

- ପୌଷ କୃଷ୍ଣ ତ୍ରୟୋଦଶୀ ତିଥି ଅବସରରେ ଆଜି ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ଦିବା ପହୁଡ ନୀତି

## କବଚ-ଅଶ୍ୱିନୀ ବୈଷ୍ଣବ

ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ସୁରକ୍ଷା ପଦକ୍ଷେପ ଯୋଗୁଁ ଗତ ଦଶନ୍ଧି ମଧ୍ୟରେ ରେଳ ଦୁର୍ଘଟଣା ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି। ଲୋକସଭାରେ ଆଜି ଏକ ପ୍ରଶ୍ନର ଉତ୍ତରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଗତ ୨୦୧୪ ମସିହା ତୁଳନାରେ ଚଳିତବର୍ଷ ରେଳ ଦୁର୍ଘଟଣା ୯୦ ପ୍ରତିଶତ ହ୍ରାସ ପାଇଛି। ଶ୍ରୀ ବୈଷ୍ଣବ କହିଛନ୍ତି, ୨ହଜାର କିଲୋମିଟରରୁ ଅଧିକ ରେଳପଥରେ ସ୍ୱୟଂଚାଳିତ ରେଳ ସୁରକ୍ଷା ବ୍ୟବସ୍ଥା 'କବଚ' କାର୍ଯ୍ୟକ୍ଷମ ହୋଇଛି । ଯାତ୍ରୀଙ୍କ ସୁରକ୍ଷା ଏବଂ ସୁବ୍ୟବସ୍ଥିତ ଟ୍ରେନ୍ ଚଳାଚଳ ପ୍ରକ୍ରିୟା ବୃଦ୍ଧିକୁ ଲକ୍ଷ୍ୟରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସେ କହିଛନ୍ତି ୪ହଜାର ୧୫୪ଟି ଟ୍ରେନ୍‌ରେ ରେଳବାଇ ସଫଳତାର ସହ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ କବଚ ରେଳ ସୁରକ୍ଷା ବ୍ୟବସ୍ଥା ସ୍ଥାପନ କରିଛି । ଏହି ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟ ଦ୍ରୁତଗତିରେ ଚାଲିଛି ଏବଂ ଏ କ୍ଷେତ୍ରରେ ୪୦ହଜାରରୁ ଊର୍ଦ୍ଧ୍ୱ ଅପରେଟର ଏବଂ ଯାନ୍ତ୍ରିକ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ।

ଅମୃତ ଭାରତ ଯୋଜନା ବିଶ୍ୱର ବୃହତ୍ତମ ରେଳଷ୍ଟେସନ୍ ପୁନଃବିକାଶ କାର୍ଯ୍ୟକ୍ରମ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ବର୍ଣ୍ଣନା କରିଛନ୍ତି। ଏଥିରେ ଓଡ଼ିଶାର ୫୯ଟି ଷ୍ଟେସନର ପୁନଃବିକାଶ କାର୍ଯ୍ୟ ଜାରି ରହିଛି। ମୟୂରଭଞ୍ଜରୁ

କୋଲକାତା, ରାଞ୍ଚି ଓ ରାଉରକେଲାକୁ ୩ଟି ନୂତନ ଟ୍ରେନ୍ ସେବା ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି।

**- V/O -(ଅଶ୍ୱିନୀ ବୈଷ୍ଣବ)**

## ଟୋଲ ବ୍ୟବସ୍ଥା

ଆସନ୍ତାବର୍ଷ ଶେଷ ସୁଦ୍ଧା ସମଗ୍ର ଦେଶରେ ପାରମ୍ପରିକ ଟୋଲ ଆଦାୟ ବ୍ୟବସ୍ଥା ବଦଳରେ ସ୍ୱୟଂଚାଳିତ ନମ୍ବର ପ୍ଲେଟ୍ ଚିହ୍ନଟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ସଡକ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି। ରାଜ୍ୟସଭାରେ ଆଜି ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ରାଜପଥରେ ଯାନବାହନଗୁଡ଼ିକର ପରିବହନ ସମସ୍ୟାକୁ ହ୍ରାସ କରିବା ଏବଂ ଦକ୍ଷତା ବୃଦ୍ଧି ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଏହାଦ୍ୱାରା ପ୍ରାୟ ୧ ହଜାର ୫୦୦ କୋଟି ଟଙ୍କାର ଇନ୍ଧନ ସଞ୍ଚୟ ହେବ। ଟୋଲଗେଟ୍‌ଠାରେ ଯାନବାହନଗୁଡ଼ିକରୁ ଟୋଲ ଆଦାୟ ଅଧିକ ସୁବ୍ୟବସ୍ଥିତ ହୋଇପାରିବ ବୋଲି ଶ୍ରୀ ଗଡକରୀ କହିଛନ୍ତି।

## ଧାନ ସଂଗ୍ରହ

**ନବରଙ୍ଗପୁର** ଜିଲ୍ଲାରେ ଆଜି ଖରିଫ୍ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ମୁଖ୍ୟ ବଜାର ପ୍ରାଙ୍ଗଣରୁ ଏହି ମଣ୍ଡି କାର୍ଯ୍ୟ ଆରମ୍ଭ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଣ୍ଡି ଉଦ୍‌ଘାଟନ କରିଛନ୍ତି। ଚଳିତ ଖରିଫ୍ ବର୍ଷ ପାଇଁ ଜିଲ୍ଲାରେ

୫୮ଟି ଧାନ ମଣ୍ଡି ଖୋଲାଯିବ। ନିର୍ଦ୍ଧାରିତ ତାରିଖ ଅନୁଯାୟୀ, ମଣ୍ଡିଗୁଡ଼ିକରେ ଧାନ କ୍ରୟ-ବିକ୍ରୟ ଅନୁଷ୍ଠିତ ହେବ। ଏଥିପାଇଁ ୧୩ଟି ଲ୍ୟାମ୍ପ୍ସ୍ ଅଧୀନରେ ଦୁଇଟି ପାଣି ପଞ୍ଚାୟତ ଏବଂ ୩୭ଟି ମହିଳା ସ୍ୱୟଂସହାୟକ ଦଳଙ୍କୁ ନିୟୋଜିତ କରାଯାଇଛି। ଧାନ ବିକ୍ରି ପାଇଁ ଜିଲ୍ଲାର ୫୦ ହଜାର ୯୧୯ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଚଳିତବର୍ଷ ନବରଙ୍ଗପୁର ଜିଲ୍ଲାରେ ୧୪ ଲକ୍ଷ ୮୮ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ରଖାଯାଇଛି।  ମଣ୍ଡିରେ ଧାନ ବିକ୍ରି ପାଇଁ ଆସୁଥିବା ଚାଷୀଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ମନ୍ତ୍ରୀ ଶ୍ରୀ ଗଣ୍ଡ ମଣ୍ଡି ପରିଚାଳନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ରାୟଗଡ଼ା** ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଆଜି ଖରିଫ୍ ଧାନମଣ୍ଡି କାର୍ଯ୍ୟ ଆରମ୍ଭ କରିଛି। ଜିଲ୍ଲାର ୧୧ଟି ବ୍ଲକ୍ ମଧ୍ୟରୁ ପଦ୍ମପୁରକୁ ଛାଡି ବାକି ୧୦ଟି ବ୍ଲକ୍‌ରେ ଧାନ କିଣା ଆରମ୍ଭ ହୋଇଛି। ୧୪ଟି ଲାମ୍ପସ୍ ଅଧୀନରେ ୪୩ଟି ମଣ୍ଡିରେ ଧାନ କ୍ରୟ ପାଇଁ ନିଷ୍ପତ୍ତି ହୋଇଛି। ମୋଟ ୨୧ ହଜାର ୪୮୬ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୭୩ ହଜାର ୨୦୦ ମେଟ୍ରିକଟନ୍ ଧାନ କିଣିବା ପାଇଁ ଲକ୍ଷ୍ୟ ରଖାଯାଇଛି।

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଜୟନ୍ତୀ

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଅବସରରେ ଆଜି ରାଜ୍ୟବାସୀ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରମୁଖ ପୃଥକ ପୃଥକ୍ ବାର୍ତ୍ତାରେ ଶ୍ରୀ ଭଞ୍ଜଦେଓଙ୍କ ସ୍ମୃତିଚାରଣ କରିଛନ୍ତି। ଭୁବନେଶ୍ୱର ପାୱାର ହାଉସ ଛକଠାରେ ତାଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ଜୟଦେବ ଭବନଠାରେ ଆଜି ଅପରାହ୍ଣରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ନଗର ଉନ୍ନୟନମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

## ପକ୍ଷୀଗଣନା

ରାଜ୍ୟରେ ଆସନ୍ତା ମାସ ୬ ତାରିଖରୁ ପକ୍ଷୀଗଣନା କାର୍ଯ୍ୟ ଆରମ୍ଭ ହେବ। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପର୍ଯ୍ୟଟନ ବିଭାଗର ସହଯୋଗରେ ଏହି ଗଣନା କାର୍ଯ୍ୟ କରାଯିବ ବୋଲି ଜଙ୍ଗଲ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। ଚିଲିକା, ନଳବଣ, ମଙ୍ଗଳାଯୋଡି, ହୀରାକୁଦ, ନନ୍ଦନକାନନ ଆଦି ସ୍ଥାନରେ ବିଦେଶୀ ପକ୍ଷୀଙ୍କ ଆଗମନକୁ ଦୃଷ୍ଟିରେ ରଖି ଏହି ଗଣନା କାର୍ଯ୍ୟ କରାଯିବ। ପକ୍ଷୀଙ୍କ ସୁରକ୍ଷାକୁ ଦୃଷ୍ଟିରେ

ରଖି ଆଧୁନିକ ୱାଚ୍ ଟାୱାର, ସଂରକ୍ଷଣ ବ୍ୟବସ୍ଥା ଏବଂ ଏନ୍‌କ୍ଲୋଜର ପ୍ରସ୍ତୁତ କରାଯିବ। ଶିକାରୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି।

## ଏଲ୍‌ଏସ୍-କୋଲ ପ୍ରଡକ୍ସନ

ଗତ ଆର୍ଥିକବର୍ଷରେ ଦେଶରେ କୋଇଲା ଉତ୍ପାଦନ ପ୍ରଥମଥର ଲାଗି ପାଖାପାଖି ୧ ବିଲିୟନ ଟନ୍‌ରେ ପହଞ୍ଚିଛି ବୋଲି କେନ୍ଦ୍ର କୋଇଲା ମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଛନ୍ତି। ଲୋକସଭାରେ ଆଜି ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ରେଡ୍ଡୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କୋଇଲା କ୍ଷେତ୍ରରେ ବୃହତ୍ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସମସ୍ତ କ୍ଷେତ୍ରରେ କୋଇଲା ଉତ୍ପାଦନ ଏବଂ ଯୋଗାଣକୁ ସରକାର ସୁନିଶ୍ଚିତ କରିଛନ୍ତି । ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ କୋଇଲା ଉତ୍ପାଦନକାରୀ ଏବଂ ବ୍ୟବହାରକାରୀ ରାଷ୍ଟ୍ର ହୋଇପାରିଥିବା ନେଇ ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ବିଶ୍ୱରେ ଭାରତ ପଞ୍ଚମ ବୃହତ୍ତମ କୋଇଲା ସଂରକ୍ଷଣ ରାଷ୍ଟ୍ର ହୋଇଥିବାବେଳେ ଦେଶରେ ଆଗାମୀ ୭ ବର୍ଷ ପାଇଁ ପର୍ଯ୍ୟାପ୍ତ କୋଇଲା ଗଚ୍ଛିତ ରହିଛି । ୨୦୩୦ ମସିହା ସୁଦ୍ଧା ସରକାର କୋଇଲା ବାଷ୍ପୀକରଣ ଅଭିଯାନ ଦିଗରେ କାର୍ଯ୍ୟ କରୁଛନ୍ତି ଏବଂ ଏହି ଅଭିଯାନ ୧୦୦ ମିଲିୟନ ଟନ୍‌ରେ ପହଞ୍ଚିବା ଲକ୍ଷ୍ୟ ରଖାଯାଇଛି । ଦେଶରେ ପ୍ରଥମଥର ଲାଗି ଭୂତଳ କୋଇଲା ବାଷ୍ପୀକରଣ ବ୍ଲକ ନିଲାମ କରାଯାଇଥିଲା ବୋଲି ସେ କହିଛନ୍ତି।

## ନିଖୋଜ ଆଦର୍ଶ ଉଦ୍ଧାର

ଆଫ୍ରିକୀୟ ରାଷ୍ଟ୍ର ସୁଦାନରେ ନିଖୋଜ ଥିବା ଓଡ଼ିଆ ଯୁବକ ଆଦର୍ଶ କୁମାର ବେହେରାଙ୍କୁ ଉଦ୍ଧାର କରାଯାଇଛି। କେନ୍ଦ୍ର ସରକାରଙ୍କ ଉଦ୍ୟମରେ ଜଗତ୍‌ସିଂହପୁର ଜିଲ୍ଲା ନିବାସୀ ଶ୍ରୀ ବେହେରା ଆଜି ଭାରତ ଫେରିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ସେ ଆସି ପହଞ୍ଚିବା ପରେ ଘରକୁ ଫେରିବା ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ବନ୍ଦୋବସ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଧନ୍ୟବାଦ ଅର୍ପଣ କରିଛନ୍ତି। ସୁଦାନର ଉତ୍ତର ଡର୍ଫର ରାଜ୍ୟର ଏଲର୍ଫାସର ସହରରେ ଶ୍ରୀ ବେହେରା ନିଖୋଜ ହୋଇଯାଇଥିଲେ। ଆନ୍ତର୍ଜାତିକ ମଧ୍ୟସ୍ଥିଙ୍କ ସହାୟତାରେ କେନ୍ଦ୍ର ସରକାର ତାଙ୍କୁ ସେଠାରୁ ଉଦ୍ଧାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଅନ୍ୟ ରାଜ୍ୟ କିମ୍ବା ବିଦେଶକୁ ଶ୍ରମ ଉଦ୍ଦେଶ୍ୟରେ ଯିବା ପୂର୍ବରୁ ପଞ୍ଜୀକରଣ କରିବାକୁ ପରାମର୍ଶ ଦେଇଛନ୍ତି। ସୁରକ୍ଷା ଦୃଷ୍ଟିକୋଣରୁ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିବା ସହ ସରକାରୀ ପଞ୍ଜୀକୃତ ସଂସ୍ଥା ମାଧ୍ୟମରେ ପଞ୍ଜୀକରଣ କରାଇବାକୁ କହିଛନ୍ତି।

## ଓଟିଇଟି ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆଜି ଓଡିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଟିଇଟି-୨୦୨୫ ଅନୁଷ୍ଠିତ ହେଉଛି। ଦୁଇଟି ପର୍ଯ୍ୟାୟରେ ହେଉଥିବା ଏହି ପରୀକ୍ଷାର ପ୍ରଥମ ସିଟିଂ ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ

ହୋଇଥିବାବେଳ ଦ୍ୱିତୀୟ ସିଟିଂ ଅପରାହ୍ଣ ସାଢ଼େ ଗୋଟାଏରୁ ଆରମ୍ଭ ହୋଇଛି । ଚଳିତବର୍ଷ ୧ଲକ୍ଷ ୬୦ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ୪୫୨ ପରୀକ୍ଷା କେନ୍ଦ୍ରରେ ଓଟିଇଟି ଦେଉଥିବା ଜଣାପଡିଛି ।

## ଶିକ୍ଷାନୀତି-୨୦୨୦

**ଭଦ୍ରକ** ଜିଲ୍ଲା ତିହିଡି ବ୍ଲକ୍ ପାଳିଆବିନ୍ଧା ବିଏନ୍ଏମ୍ଏ ମହାବିଦ୍ୟାଳୟଠାରେ ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ଶିକ୍ଷା ବିଶେଷଜ୍ଞ ଯୋଗଦେଇ ଜାତୀୟ ଶିକ୍ଷାନୀତିର ସଫଳ ଦିଗ ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି । ଏହି ଶିକ୍ଷାନୀତି ଆଧାରରେ  ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ ବୋଲି ସେମାନେ କହିଛନ୍ତି ।

## ଦିବା ପହୁଡ ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କର ଦିବା ପହୁଡ ନୀତି ଅନୁଷ୍ଠିତ ହେବ । ପୌଷ କୃଷ୍ଣ ତ୍ରୟୋଦଶୀ ତିଥି ଅବସରରେ ଅନୁଷ୍ଠିତ ହେବାକୁ ଥିବା ଏହି ନୀତି ପାଇଁ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ସାଂସଦ ଖେଳ ମହୋତ୍ସବ

**କନ୍ଧମାଳ** ଜିଲ୍ଲା ବାଲିଗୁଡ଼ା ବିଧାନସଭା ମଣ୍ଡଳୀସ୍ତରୀୟ ସାଂସଦ ଖେଳ ମହୋତ୍ସବ ମିନି ଷ୍ଟାଡିୟମ୍ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬୦୦

ରୁ ଊର୍ଦ୍ଧ୍ୱ ଖେଳାଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ କୃତକାର୍ଯ୍ୟ ହୋଇଥିବା ଖେଳାଳି ଲୋକସଭା ସାଂସଦ ଖେଳ ମହୋତ୍ସବରେ ଅଂଶଗ୍ରହଣ କରିବେ।

# ପଞ୍ଜୀକରଣ ଅବଧି ବୃଦ୍ଧି

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୬-୨୭ ଶିକ୍ଷାବର୍ଷରେ ହାଇସ୍କୁଲ ସାର୍ଟିଫିକେଟ ମାଟ୍ରିକ ପରୀକ୍ଷା ଦେବା ପାଇଁ ଚଳିତବର୍ଷ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ଅବଧି ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଗତ ୩ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜୀକରଣର ଅବଧି ଆଜି ଶେଷ ହେବାର ଥିଲା ।

## ସାଂସଦ ଖେଳ ମହୋତ୍ସବ

**କନ୍ଧମାଳ** ଜିଲ୍ଲା ବାଲିଗୁଡ଼ା ବିଧାନସଭା ମଣ୍ଡଳୀସ୍ତରୀୟ ସାଂସଦ ଖେଳ ମହୋତ୍ସବ ମିନି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦୦ ରୁ ଊର୍ଦ୍ଧ୍ୱ ଖେଳାଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ କୃତକାର୍ଯ୍ୟ ହୋଇଥିବା ଖେଳାଳି ଲୋକସଭା ସାଂସଦ ଖେଳ ମହୋତ୍ସବରେ ଅଂଶଗ୍ରହଣ କରିବେ।

# ଶୀତଲହରୀ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୬ଦଶମିକ ୫ଡିଗ୍ରୀ ସେଲସିୟସ ରହିଥିଲା । ଆସନ୍ତା ୨୪ଘଣ୍ଟା

ମଧ୍ୟରେ ଘନକୁହୁଡି ହେବା ନେଇ ସୁନ୍ଦରଗଡ,କୋରାପୁଟ,କନ୍ଧମାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।